# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 02nd October – 2026

*********************************

## ମୁଖ୍ୟ ସମ୍ବାଦ

- ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଅନ୍ତ୍ୟୋଦୟ ଯୋଜନାରେ ସମାଜର ଶେଷଧାଡ଼ିର ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି; କହିଲେ ମୁଖ୍ୟମନ୍ତ୍ରୀ ।

- ପ୍ରକୃତି ସୁରକ୍ଷା ସହ ଆର୍ଥିକ ଓ ଶିଳ୍ପ ବିକାଶକୁ ଆଗେଇ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ ।

- ରାଜ୍ୟରେ ବର୍ଷା ଓ ବନ୍ୟାଜନିତ କ୍ଷୟକ୍ଷତିର ଆକଳନ ଶେଷ କରି ଆସନ୍ତା ୧୦ ତାରିଖ ସୁଦ୍ଧା କ୍ଷତିପୂରଣ ପ୍ରଦାନ କରିବେ ସରକାର ।

- ହବିଷ୍ୟାଳୀ ଯୋଜନାରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ଅନ୍‌ଲାଇନ୍ ଆବେଦନ ।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ମହିଳା ହକିରେ ଭାରତକୁ ସ୍ୱର୍ଣ୍ଣ; ପଦକ ସଂଖ୍ୟା ୭୬କୁ ବୃଦ୍ଧି ।

*Desk, Bhadrak, Nayagada/R*

# ଗାନ୍ଧିଜୟନ୍ତୀ

ଜାତିର ପିତା ମହାତ୍ମାଗାନ୍ଧିଙ୍କ ୧୫୬ତମ ଏବଂ ରାଷ୍ଟ୍ରନାୟକ ତଥା ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ରାଜ୍ୟ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦୁଇ ମହାନାୟକଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାତ୍ମାଗାନ୍ଧି କେବଳ ଭାରତକୁ ସ୍ୱାଧୀନତା ଦେଇ ନ ଥିଲେ; ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ସ୍ୱଚ୍ଛତା ଆଜି ଦେଶରେ ଏକ ଜନ ଆନ୍ଦୋଳନରେ ପରିରତ ହୋଇଥିବାବେଳେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ତ୍ୟୋଦୟ ଯୋଜନାର ମାଧ୍ୟମରେ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କୁ ସଶକ୍ତ କରାଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି । ଶାସ୍ତ୍ରିଜିଙ୍କ ନିଃସ୍ୱାର୍ଥପର ଦେଶସେବା ଏବଂ ଜୟ ଯବାନ, ଜୟ କିଷାନର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଶକ୍ତି ସଞ୍ଚାର କରିଥିଲା ବୋଲି ଶ୍ରୀ ମାଝୀ କହିଛନ୍ତି । ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଓ ସଭାସମିତି ଆୟୋଜିତ ହୋଇଛି ।

ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ସାଂସଦ

ଅଭିମନ୍ୟୁ ସେଠୀ’ ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୋଇ ସଫେଇ କାର୍ଯ୍ୟରେ ଯୋଗ ଦେଇଥିଲେ ।

ପବିତ୍ର ଗାନ୍ଧିଜୟନ୍ତୀ ଅବସରରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ସିଂଘାପଡ଼ାଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ କର୍ମକର୍ତ୍ତା ଓ ସହଯୋଗୀମାନେ ସ୍ୱଚ୍ଛତା ଅଭିଯାନରେ ସାମିଲ୍ ହୋଇଥିଲେ । ଏହି ଅବସରରେ ଭାପୁର ବ୍ଲକ୍‌ର ବିଜିପୁରଠାରେ ଏକ ସ୍ୱାସ୍ଥ୍ୟଶିବିର ଆୟୋଜିତ ହୋଇଥିଲା ।

***Desk***

# ପୁନଶ୍ଚ ପୃଥିବୀ

ପ୍ରକୃତିର ସୁରକ୍ଷା ସହ ଆର୍ଥିକ ଓ ଶିଳ୍ପ ବିକାଶକୁ ଆଗେଇ ନେବାକୁ ହେବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ଆୟୋଜିତ ‘ପୁନଶ୍ଚ ପୃଥିବୀ’ ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଅତ୍ୟନ୍ତ ଜରୁରୀ ।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଏବଂ ପରିବେଶର ସନ୍ତୁଳନ ରକ୍ଷା ବର୍ତ୍ତମାନ ସମୟରେ ବିଶ୍ୱପାଇଁ ସବୁଠାରୁ ବଡ଼

ଆହ୍ୱାନ । ପରିବେଶ ସୁରକ୍ଷାକୁ ଏକ ଗଣ ଆନ୍ଦୋଳନରେ ପରିଣତ କରି ପୃଥିବୀକୁ ଆଗାମୀ ପିଢ଼ିପାଇଁ ଅଧିକ ନିରାପଦ କରିବା ସମସ୍ତଙ୍କ କର୍ତ୍ତବ୍ୟ । ଦେଶ ବିଦେଶରୁ ଆସୁଥିବା ଜଳବାୟୁ ବିଶେଷଜ୍ଞ, ପରିବେଶବିତ୍, ବୁଦ୍ଧିଜୀବୀ ଏବଂ ଯୁବ ଛାତ୍ରଛାତ୍ରୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ମନ୍ଥନ ଆଗାମୀ ଦିନରେ ଏକ ସବୁଜ ଭବିଷ୍ୟତ ନିର୍ମାଣପାଇଁ ଦିଗ୍‌ଦର୍ଶନ ଦେବ ବୋଲି ଶ୍ରୀ ସୂରଯ କହିଛନ୍ତି ।

***Desk***

## ସ୍ୱାସ୍ଥ୍ୟସେବା-ପି.ଏମ୍.ଆର୍.

ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ନିକଟରେ ଗୁଣାତ୍ମକ, ସୁଲଭ ଓ ଆଧୁନିକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସରକାରଙ୍କ ପ୍ରାଥମିକତା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ'ର Physical Medicine and Rehabilitation-PMR ବିଭାଗ ଦ୍ୱାରା ଆୟୋଜିତ ଆଇ.ଏ.ପି.ଏମ୍.ଆର୍. ମିଡ୍‌ଟର୍ମ ସି.ଏମ୍.ଇ.ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଉତ୍ତମ ପୁନର୍ବାସ ସେବାଦ୍ୱାରା ଦିବ୍ୟାଙ୍ଗ ଓ ଜଟିଳ ଶାରୀରିକ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଜୀବନଶୈଳୀକୁ ସୁଗମ କରିବାରେ ପି.ଏମ୍.ଆର୍. ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଆଧୁନିକ ପ୍ରଯୁକ୍ତିବିଦ୍ୟାଦ୍ୱାରା ଚିକିତ୍ସା

କ୍ଷେତ୍ରରେ ନୂତନ ଗବେଷଣା, ଆଧୁନିକ ଫିଜିଓଥେରାପି ଓ ରିହାବିଲିଟେସନ୍ ଟେକ୍ନୋଲୋଜିର ବ୍ୟବହାର ସାଧାରଣ ରୋଗୀଙ୍କୁ ନୂତନ ଜୀବନ ପ୍ରଦାନ ଦିଗରେ ସହାୟକ ହେବ । ସମାଜର ଶେଷଧାଡ଼ିରେ ଥିବା ଏବଂ ଅବହେଳିତ ଲୋକଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

***Desk***

## ବନ୍ୟା-ବାତ୍ୟା କ୍ଷୟକ୍ଷତି

ରାଜ୍ୟରେ ବର୍ଷା ଓ ବନ୍ୟାଜନିତ କ୍ଷୟକ୍ଷତିର ଆକଳନକୁ ଦୁର୍ଗାପୂଜା ପୂର୍ବରୁ ଶେଷ କରିବାକୁ ଅଧିକାରୀମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ୧୦ ତାରିଖ ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ରାଶି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Voice (Pujari) :.........***

ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟରେ ସହାୟତାପାଇଁ ଆଶା, ଅଙ୍ଗନୱାଡ଼ି ଓ ଏନ୍.ଡି.ଆର୍.ଏଫ୍.ର କର୍ମକର୍ତ୍ତାଙ୍କୁ ରାଜସ୍ୱ ମନ୍ତ୍ରୀ ସରକାରଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ୨୬୧ କୋଟି ଟଙ୍କା କ୍ଷତିପୂରଣ

ଦିଆଯାଇଥିବାବେଳେ ଦକ୍ଷିଣ ଓଡ଼ିଶାକୁ ୨୦ କୋଟି ଦିଆଯାଇଥିବା ଶ୍ରୀ ପୂଜାରୀ କହିଛନ୍ତି । ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ଓ ପ୍ରକୋପ ହ୍ରାସ କରିବାପାଇଁ ଆଗାମୀ ଦିନରେ Indian Institute of Tropical Meteorology-IITM ସହିତ ବିଭାଗର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ବଜ୍ରପାତ କ୍ଷୟକ୍ଷତି ହ୍ରାସ କରାଇବାକୁ ଆଇ.ଆଇ.ଟି.ଏମ୍. ଜ୍ଞାନକୌଶଳ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ।

***Desk***

## ହବିଷ୍ୟାଳୀ ଯୋଜନା

ପବିତ୍ର କାର୍ତ୍ତିକ ମାସର ହବିଷ୍ୟ ବ୍ରତ ଆସନ୍ତା ୨୬ ତାରିଖରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ରାଜ୍ୟ ସରକାରଙ୍କ ହବିଷ୍ୟାଳୀ ଯୋଜନାରେ ଚଳିତ ମାସ ୬ ତାରିଖ ପୂର୍ବାହ୍ନ ୧୦ଟା ଠାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ହବିଷ୍ୟାଳୀମାନେ ଅନଲାଇନ୍‌ରେ ଆବେଦନ କରିପାରିବେ। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ପୌର କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଦି ତିନୋଟି ସ୍ଥାନରେ ୨ ହଜାର ୫୦୦ ହବିଷ୍ୟାଳୀଙ୍କ ନିଃଶୁଳ୍କ ରହଣୀ, ସ୍ୱତନ୍ତ୍ର ଶ୍ରୀମନ୍ଦିର ଦର୍ଶନ, ମାଗଣା ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ରାଜ୍ୟର ୩୦ଟି ଜିଲ୍ଲାରୁ ଆବେଦନକାରୀ edistrict.odisha.gov.in ପୋର୍ଟାଲରେ ଆବେଦନ କରିପାରିବେ। ୭୦ ବର୍ଷ ବୟସ ପର୍ଯ୍ୟନ୍ତ ବିଧବା ମହିଳା ଓ ୫୦ରୁ ୭୦ ବର୍ଷ ପର୍ଯ୍ୟନ୍ତ ବିବାହିତ

ମହିଳା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ଚଳିତ ବର୍ଷ ମଧ୍ୟ ହବିଷ୍ୟାଳୀଙ୍କ ରହଣୀ, ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନରେ ସ୍ୱେଚ୍ଛାସେବୀ ମୁତୟନ ରହିବେ ବୋଲି ପୁରୀ ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

***Desk***

# ରେଳବାଇ - ସୁଡ଼ଙ୍ଗ

ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ୍ ଅର୍ନ୍ତଗତ କୋଟାଭାଲ୍‌ସା-କୋରାପୁଟ ଦୋହରୀକରଣ ପ୍ରକଳ୍ପରେ ବୋରା ଗୁହାଲୁ ଏବଂ କାରାକାଭାଲସା ଷ୍ଟେସନ୍ ମଧ୍ୟରେ ଅବସ୍ଥିତ ୪୧-୪୧ଏ’ ନମ୍ବର ସୁଡ଼ଙ୍ଗର ଖନନ କାର୍ଯ୍ୟ ଶେଷ ହୋଇଛି ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି । ଦୋହରୀକରଣ ପ୍ରକଳ୍ପ ଅଗ୍ରଗତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୋଟ୍ ୮୨୯ ମିଟର ଦୈର୍ଘ୍ୟବିଶିଷ୍ଟ ଏହି ସୁଡ଼ଙ୍ଗକୁ ଅଶ୍ୱ ଖୁରା ଆକୃତିରେ ନିର୍ମାଣ କରାଯାଇଛି । ସୁଡ଼ଙ୍ଗର ଖନନ କାର୍ଯ୍ୟ ସମ୍ପନ୍ନ ହେଲେ ଦୋହରୀକରଣ ପ୍ରକଳ୍ପର କ୍ରମାଗତ ବିକାଶରେ ସହାୟକ ହେବା ସହ କୋଟାଭାଲ୍‌ସା-କୋରାପୁଟ ରେଳ ସେକ୍ସନରେ ରେଳ ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।

*Desk*

# ୱାକାଥନ

ଭୁବନେଶ୍ୱରସ୍ଥିତ ଏକାମ୍ରକାନନଠାରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ - ଓ.ସି.ସି.ଏଲ୍. ପକ୍ଷରୁ "ଆସନ୍ତାକାଲିର ଉନ୍ନତ ଭବିଷ୍ୟତ ପାଇଁ ଚାଲିବା"ର ବାର୍ତ୍ତା ନେଇ ଏକ ୱାକାଥନ ଆୟୋଜିତ ହୋଇଯାଇଛି । ଏହାମାଧ୍ୟମରେ ସୁସ୍ଥତା, ଶାରୀରିକ ସକ୍ଷମତା, ଶୃଙ୍ଖଳା ଓ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରାଯାଇଥିଲା । ସମ୍ବଲପୁର, ମାଲକାନଗିରି, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, ଗଞ୍ଜାମ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

*Kendrapada/R*

# ନିରାପଦ ଗର୍ଭପାତ ଦିବସ

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନିରାପଦ ଗର୍ଭପାତର ଗୁରୁତ୍ୱ, ମାତୃ ମୃତ୍ୟୁହାରରେ ଏହାର ଭୂମିକା ଏବଂ ସରକାରଙ୍କ ନିର୍ଦ୍ଧାରିତ ନିୟମ ଓ ଚିକିତ୍ସା ମାର୍ଗଦର୍ଶିକା ଅନୁଯାୟୀ ଗର୍ଭପାତ ସେବା ଗ୍ରହଣ କରିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ ଗୋଷ୍ଠୀ

ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପ୍ରଶିକ୍ଷିତ ଡାକ୍ତରମାନେ ନିରାପତ ଗର୍ଭପାତ ସେବାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

***Bhadrak/R***

## ଆଙ୍ଗନ୍ କା ଉତ୍ସବ

ଭଦ୍ରକ ଜିଲ୍ଲାରେ ସେବା ସଂକଳ୍ପ ଅଭିଯାନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତିନିଦିନ ଧରି ଚାଲିଥିବା 'ଆଙ୍ଗନ୍ କା ଉତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାର ୮ଟି ପ୍ରକଳ୍ପ ମଧ୍ୟରେ ଥିବା ୨ ହଜାର ୪୩୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିଶୁ ଓ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ଓ ପୁଷ୍ଟିସେବା କ୍ଷେତ୍ରରେ ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶାକର୍ମୀମାନଙ୍କ ଅବଦାନକୁ ସମ୍ମାନ ଜଣାଇ ପୁରସ୍କୃତ କରାଯାଇଥିଲା।

***Desk***

## ଏସିଆନ୍ ଗେମ୍ସ୍

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାର ତ୍ରୟୋଦଶ ଦିବସରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଚିତ୍ତାକର୍ଷକ ପ୍ରଦର୍ଶନ ସହ ୬ଟି ସ୍ୱର୍ଣ୍ଣପଦକ ହାସଲ

କରିଛନ୍ତି । ଭାରତକୁ ମହିଳା ହକିରେ ଗୋଟିଏ, କୁସ୍ତିରେ ଗୋଟିଏ, ମୁଷ୍ଟିଯୁଦ୍ଧରେ ୩ଟି ଏବଂ ତୀରନ୍ଦାଜୀରେ ଗୋଟିଏ ସ୍ୱର୍ଣ୍ଣପଦକ ମିଳିଛି । ମହିଳା ହକି ଦଳ ଚୀନକୁ ଫାଇନାଲ୍‌ରେ ୧-୦ ଗୋଲ୍‌ରେ ପରାସ୍ତ କରି ଐତିହାସିକ ବିଜୟ ସହ ସ୍ୱର୍ଣ୍ଣପଦକ ହାସଲ କରିଛି । ଦଳ ପକ୍ଷରୁ ଲାଲ୍ ରେମ୍‌ସିଆମି ଏକମାତ୍ର ଗୋଲ୍ ସ୍କୋର କରିଥିଲେ । ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ ଏସୀୟ କ୍ରୀଡ଼ା ହକିରେ ମହିଳା ଦଳକୁ ଏହି ସଫଳତା ମିଳିଛି । ଏଥିସହ ଭାରତ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି ।

କୁସ୍ତିଯୋଦ୍ଧା ସୁଜିତ କଲ୍‌କାଲ୍ ୬୫ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ଇଭେଣ୍ଟ୍‌ରେ ତାଜିକସ୍ତାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୦-୯ରେ ପରାସ୍ତ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି ।

ମୁଷ୍ଟିଯୁଦ୍ଧରେ ପରଭିନ୍ ହୁଡ଼ା ମହିଳା ୬୫ କିଲୋଗ୍ରାମ୍ ବର୍ଗ ଫାଇନାଲ୍‌ରେ ଚୀନ୍ ତାଇପେଇର ନିଏନ୍-ଚିନ୍-ଚେନ୍‌ଙ୍କୁ ପରାସ୍ତ କରିଛନ୍ତି । ଅଙ୍କୁଶ ପଙ୍ଘାଲ୍ ପୁରୁ ୮୦ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଏହାପୂର୍ବରୁ ଲଭ୍‌ଲିନା ବୋର୍ଗୋହେଁ ମଧ୍ୟ ମହିଳା ୭୫ କିଲୋଗ୍ରାମରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ୨୦୧୪ରେ ମେରୀ କମ୍’ଙ୍କ ସ୍ୱର୍ଣ୍ଣପଦକ ପରେ ଏସୀୟ କ୍ରୀଡ଼ା ମହିଳା ବକ୍ସିଂରେ ଭାରତର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ।

ତୀରନ୍ଦାଜୀରେ ଭାରତର ମହିଳା ରିକର୍ଭ ଟିମ୍ ନିଜର ପ୍ରଥମ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛି । ମିକ୍ସଡ୍ ରିକର୍ଭ ଟିମ୍ ଇଭେଣ୍ଟରେ ଭାରତକୁ ରୌପ୍ୟପଦକ ମିଳିଛି । ସେପାକ୍‌ଟାକ୍ରାରେ ଭାରତ

ପୁରୁଷ କ୍ୱାଡ୍ରାଣ୍ଟ୍ ଇଭେଣ୍ଟରେ କାଂସ୍ୟ ପଦକ ନିଶ୍ଚିତ କରିଛି । ନୌଚାଳନାରେ ନେଥ୍ରା କୁମାନନ୍ ମହିଳା ଡିଙ୍ଗି ଇଭେଣ୍ଟରେ କାଂସ୍ୟପଦକ ବିଜୟୀ ହୋଇଛନ୍ତି ।

କ୍ରୀଡ଼ାବିତ୍‌ମାନଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ସହିତ ଭାରତ ପଦକ ତାଲିକାର ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି । ଦେଶର ପଦକ ସଂଖ୍ୟା ୭୬କୁ ବୃଦ୍ଧି ପାଇଛି । ଏଥିରେ ୧୬ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଏବଂ ୩୫ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ ।

******